# ଯୁବ ସ୍ୱାଭିମାନ ଦିବସରେ ୩୦୮୨ ୟୁନିଟ୍ ରକ୍ତ ସଂଗ୍ରହ

ଅଗଷ୍ଟ ୧୮ ତାରିଖ ଯୁବ ସ୍ୱାଭିମାନ ଦିବସରେ 'ସମ୍ବାଦ-ଆମ ଓଡ଼ିଶା' ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ୩୦୮୨ ୟୁନିଟ୍ ରକ୍ତ ସଂଗୃହୀତ  ହୋଇଛି । ସମ୍ବଲପୁର ଜୋନରୁ ସର୍ବାଧିକ ୧୨୯୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ବାଲେଶ୍ୱର ଜୋନରୁ ୬୭୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ବିଭିନ୍ନ ସ୍ଥାନରେ ୩୮ଟି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିର ମଧ୍ୟରୁ  ସମ୍ବଲପୁରର ଭୁଷଣ ଷ୍ଟିଲ୍ ପ୍ଲାଣ୍ଟ ଶିବିରରୁ ସର୍ବାଧିକ ୩୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ସେହିପରି ମୟୁରଭଂଜଠାରେ ଆୟୋଜିତ ଶିବିରରୁ ୨୬୬, ବାଲେଶ୍ୱର ରୋଟାରୀ ଭବନରେ ଆୟୋଜିତ ଶିବିରରୁ ୨୨୬, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଶିବିରରୁ  ୧୦୭, ବଲାଙ୍ଗୀର ଗାନ୍ଧୀଭବନ ପରିସରରେ ଆୟୋଜିତ ଶିବିରରୁ ୧୦୮, ସମ୍ବଲପୁର ଜିଏମ୍ କଲେଜ ଶିବିରରୁ ୯୧,ସମ୍ବାଦ ଭବନ ଶିବରରୁ ୧୩୨,ମହିଳା କଲେଜ ଶିବିରରୁ ୩୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଅନ୍ୟ ଜୋନ୍ ମାନଙ୍କ ମଧ୍ୟରୁ ଅନୁଗୁଳ ଜୋନରୁ ୧୬୧ ୟୁନିଟ୍,କଟକରୁ ୩୮୯, ଭୁବନେଶ୍ୱରରୁ ୧୯୫, ବ୍ରହ୍ମପୁରରୁ ୭୯,ଜୟପୁରରୁ ୨୩୯,ରାଉରକେଲା ଜୋନରୁ ୪୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । କଟକ ମହାନଗର ନିଗମ ଅଂଚଳର ୬୦ଟି ଅନୁଷ୍ଠାନ ଜରିଆରେ ଦୁଇଟି ଭ୍ରାମ୍ୟମାଣ ଗାଡ଼ିରେ ରକ୍ତ ସଂଗ୍ରହ  କରାଯାଇଥିଲା । ଏହି ଅନୁଷ୍ଠାନମାନଙ୍କ  ଜରିଆରେ ୧୩୧ ୟୁନିଟ୍ ରକ୍ତ ସଂଗ୍ରହ  କରାଯାଇଥିଲା । ଏହି ସବୁ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିବା ବିଭିନ୍ନ ବ୍ଲଡ୍ ବ୍ୟାଙ୍କର କର୍ମଚାରୀ, ଡ଼ାକ୍ତର ଓ ରକ୍ତଦାତାମାନଙ୍କୁ 'ଆମ ଓଡ଼ିଶା'ର ଅଧ୍ୟକ୍ଷ ସୌମ୍ୟରଂଜନ ପଟ୍ଟନାୟକ ଗଭୀର କୃତଜ୍ଞତା ଓ ଶୁଭେଚ୍ଛା ଜଣାଇଛନ୍ତି ।